# NATIONAL NEWS BULLETIN (ODIA)

## 31 March - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଭାରତ ବିଶ୍ୱ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ପ୍ରମୁଖ ଅଂଶିଦାର ଭାବେ ଉଭା ହେଉଛି, କହିଲେ ପ୍ରଧାନମନ୍ତ୍ରୀ ।

– ଗୁଜରାଟର ସାନନ୍ଦ ଠାରେ କେନ୍ସ ସେମିକଣ୍ଡକ୍ଟର ଓ.ଏସ୍.ଏ.ଟି. ପ୍ଲାଣ୍ଟକୁ କଲେ ଲୋକାର୍ପଣ ।

- ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ ପି.ଏନ୍.ଜି. ଅଭିଯାନ ସମୟସୀମା ଆସନ୍ତା ଜୁନ୍ ଶେଷ ପର୍ଯ୍ୟନ୍ତ ବୃଦ୍ଧି ।
- ଦେଶରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ୨୦୨୭ ଜନଗଣନା ପ୍ରକ୍ରିୟା ।
- ପଶ୍ଚିମବଙ୍ଗରେ ନିର୍ବାଚନ କମିଶନ୍‌ଙ୍କ ବଦଳି ଆଦେଶ ବିରୁଦ୍ଧରେ ଆଗତ ଦୁଇଟି ଜନସ୍ୱାର୍ଥ ମାମଲାକୁ ଖାରଜ କଲେ ହାଇକୋର୍ଟ୍ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍‌ର ବୋଲିଂ ନିଷ୍ପତ୍ତି ।

# ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ସାନନ୍ଦ ଠାରେ କେନ୍ସ ସେମିକଣ୍ଡକ୍ଟରର ଓ.ଏସ୍.ଏ.ଟି. ପ୍ଲାଣ୍ଟ୍‌କୁ ଲୋକାର୍ପଣ କରିଛନ୍ତି । ଗୁଜରାଟକୁ ଦିନିକିଆ ଗସ୍ତ ଅବସରରେ ଶ୍ରୀ ମୋଦୀ ଏହି ପ୍ଲାଣ୍ଟକୁ ଉଦ୍‌ଘାଟନ କରିବା ସହ ସମାବେଶକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି, ଏହି ପ୍ଲାଣ୍ଟ ଦ୍ୱାରା ହେବାକୁ ଥିବା ଉତ୍ପାଦନ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ପ୍ଲାଣ୍ଟରେ ପ୍ରସ୍ତୁତ ହେବାକୁ ଥିବା ଚିପ୍ସ ଆମେରିକାରେ ପହଞ୍ଚିବ ବୋଲି ସେ କହିଛନ୍ତି । ଭାରତ ବିଶ୍ୱ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ପ୍ରମୁଖ ଅଂଶିଦାର ଭାବେ ଉଭା ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**VO-1-PM-SEMICONDUCTOR-2.0-RAW**

ଶ୍ରୀ ମୋଦୀ କହିଛନ୍ତି, ଏଭଳି ପଦକ୍ଷେପ ଦେଶରେ ସେମିକଣ୍ଡକ୍ଟରର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ । ଏହି ପ୍ଲାଣ୍ଟର ଉଦ୍‌ଘାଟନ ସେମିକଣ୍ଡକ୍ଟର କ୍ଷେତ୍ରକୁ ଅଧିକ ଗତିଶୀଳ

କରିଛି । ଶ୍ରୀ ମୋଦୀ ଭାରତର ଏହି ଦଶନ୍ଧିକୁ ପ୍ରଯୁକ୍ତିବିଦ୍ୟାର ଦଶନ୍ଧି ବୋଲି ଅବିହିତ କରିଛନ୍ତି ।

**VO-2-PM-PROJECT**

ଭାବଥରଢ଼ ଜିଲ୍ଲାରେ ଶ୍ରୀ ମୋଦୀ ୧୯ ହଜାର ୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

# ଓ୍ୱେଷ୍ଟ ଏସିଆ ଡେଲି ବ୍ରିଫ୍

ସରକାର ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ ପିଏନ୍‌ଜି ଅଭିଯାନ ସମୟସୀମାକୁ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଦେଶରେ ପି.ଏନ୍.ଜି.ର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଘରୋଇ ଉପଭୋକ୍ତାଙ୍କୁ ପି.ଏନ୍.ଜି. ସଂଯୋଗ କ୍ଷେତ୍ରରେ ପ୍ରାଥମିକତା ପ୍ରଦାନ କରିବାକୁ ସହରାଞ୍ଚଳ ଗ୍ୟାସ୍ ବିତରକଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି, ଚଳିତ ମାସ ସୁଦ୍ଧା ଘରୋଇ, ବାଣିଜ୍ୟିକ କ୍ଷେତ୍ରରେ ୩ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଗ୍ୟାସ୍ ସଂଯୋଗ କରାଯାଇଛି । ଫଳରେ ଦେଶର ବିଭିନ୍ନ ଛାତ୍ରାବାସ, କ୍ୟାଣ୍ଟିନ୍ ଓ ମେସ୍‌ଗୁଡ଼ିକୁ ସହଜରେ ଗ୍ୟାସ୍ ବିତରଣ କରାଯାଇପାରୁଛି ।

ଏହା ବ୍ୟତୀତ ଅତିରିକ୍ତ ୨ ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ନୂତନ ଗ୍ୟାସ୍ ସଂଯୋଗ ମଧ୍ୟ ଯୋଗାଇବା ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରୁଛନ୍ତି ।

ମାର୍ଚ୍ଚ ପହିଲାରୁ ଦେଶରେ ପ୍ରତ୍ୟେକ ଦିନ ୫୦ ଲକ୍ଷରୁ ଅଧିକ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ବିତରଣ କରାଯାଉଛି । ଗତ ୨୩ ତାରିଖରୁ ଅନ୍ୟ ରାଜ୍ୟରେ କାର୍ଯ୍ୟରତ ପ୍ରବାସୀ ଶ୍ରମିକମାନଙ୍କୁ ୩ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ୫ କେ.ଜି. ବିଶିଷ୍ଟ ସିଲିଣ୍ଡର ଯୋଗାଣ ଆରମ୍ଭ ହୋଇଛି । ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍, ଡିଜେଲ୍, ଏଲ୍‌ପିଜି ଏବଂ ପି.ଏନ୍.ଜି. ମହଜୁଦ୍ ଥିବା ନେଇ ସରକାର ସୁନିଶ୍ଚିତ କରିଛନ୍ତି । ଅଭାବି ବିକ୍ରି ସମ୍ପର୍କିତ ଖବର ପ୍ରସାରଣକୁ ବିଶ୍ୱାସ ନ କରିବାକୁ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

## ଗଭ୍‌ମେଣ୍ଟ-ସେକ୍ରେଟେରୀ-ଆପଏଣ୍ଟମେଣ୍ଟ

ସରକାର ଆଜି ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ନୂତନ ସଚିବଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ବିହାର କାଡ଼ରର ୧୯୯୨ ବ୍ୟାଚ୍ ଆଇ.ଏସ୍. ଅଧିକାରୀ ଚଞ୍ଚଲ କୁମାରଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଛି । ଏହି ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଉତ୍ତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଭୁବନେଶ କୁମାର ପର୍ଯ୍ୟଟନ ସଚିବ ଏବଂ ଶ୍ରୀବତ୍ସ କୃଷ୍ଣଙ୍କୁ

ସଂଖ୍ୟାଲଘୁ ବ୍ୟାପାର ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ରୋହିତ କନ୍‌ସଲ୍ ଗ୍ରାମୀଣ ବିକାଶ ବିଭାଗର ସଚିବ ହେବେ ।

## ମଷ୍ଟ ଆନାଉନ୍ସ ମେଣ୍ଟ

ଦେଶରେ ୨୦୨୭ ଜନଗଣନା ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବିଶ୍ୱର ଏହି ସର୍ବବୃହତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ଗଣନା କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ନାଗରୀକ ନିଜେ ଗଣନା କରିବାର ବିକଳ୍ପ ମଧ୍ୟ ଉପଲବ୍ଧ ରହିଛି । ରେଜିଷ୍ଟ୍ରାର ଜେନେରାଲ୍ ତଥା ଜନଗଣନା ଆୟୁକ୍ତ ମୃତ୍ୟୁଞ୍ଜୟ କୁମାର ନାରାୟଣନ୍ ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

**VO-MRITYUNJAY-SINGH**

## କୋଲକାତା-ହାଇକୋର୍ଟ୍

ପଶ୍ଚିମବଙ୍ଗରେ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ବ୍ୟାପକ ଅମଲାତାନ୍ତ୍ରିକ ଏବଂ ପୋଲିସ୍ ଅଧିକାରୀଙ୍କ ବଦଳି ନିଷ୍ପତ୍ତିକୁ ବିରୋଧ କରି ଆଗତ ଦୁଇଟି ଜନସ୍ୱାର୍ଥ ମାମଲାକୁ କଲିକତା ହାଇକୋର୍ଟ୍ ଖାରଜ

କରିଛନ୍ତି । ତୃଣମୂଳ କଂଗ୍ରେସ ନେତାଙ୍କ ପକ୍ଷରୁ ଏହି ଦୁଇଟି ଯାକ ଆବେଦନ କୋର୍ଟ୍‌ରେ ଦାଖଲ କରାଯାଇଥିଲା । ଦୁଇଟିଯାକ ମାମଲା ମଧ୍ୟରୁ ଗୋଟିଏ ଉଚ୍ଚସ୍ତରୀୟ ପ୍ରଶାସନିକ ଓ ପୋଲିସ୍ ଅଧିକାରୀଙ୍କ ବଦଳି ଏବଂ ଅନ୍ୟଟି ସାଧାରଣବର୍ଗ ସରକାରୀ କର୍ମଚାରୀଙ୍କ ବଦଳି ନିଷ୍ପତ୍ତି ବିରୋଧରେ ଆଗତ ହୋଇଥିଲା । ହାଇକୋର୍ଟର୍ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁଯୋୟ ପାଉଲ୍ ଏବଂ ଜଷ୍ଟିସ୍ ପାର୍ଥସାରଥି ସେନ୍‌ଙ୍କ ଖଣ୍ଡପୀଠ ଏହି ଦୁଇଟିଯାକ ମାମଲା ବିଚାର କରି ଖାରଜ କରିଛନ୍ତି । ଆଦର୍ଶନ ଆଚରଣ ସଂହିତା ବଳବତ୍ତର ଥିବା ସମୟରେ ଏଭଳି ବଦଳି ନିଷ୍ପତ୍ତି ଗ୍ରହଣ କରିବାର ଅଧିକାର ନିର୍ବାଚନ କମିଶନ୍‌ଙ୍କର ରହିଛି ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ।

## ଆସାମ-ବିଜେପି

ଗୌହାଟୀଠାରେ ଆସାମ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ବିଜେପି ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇଛି । କେନ୍ଦ୍ର ମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପସ୍ଥିତିରେ ଏହା ଘୋଷଣା କରିଛନ୍ତି ।

ସୁରକ୍ଷିତ ଆସୋମ, ବିକଶିତ ଆସୋମ ଦୃଷ୍ଟିକୋଣ ଆଧାରରେ ଏହି ନିର୍ବାଚନୀ ଇସ୍ତାହାରରେ ୩୧ଟି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି ।

ସେଥିମଧ୍ୟରେ ଜବରଦଖଲ ଉଚ୍ଛେଦ, ପ୍ରବାସୀଙ୍କୁ ଦେଶାନ୍ତର, ଏକକ ନାଗରୀକ ସଂହିତା ସଂକ୍ରାନ୍ତ ପ୍ରସଙ୍ଗ ଅନ୍ତର୍ଭୁକ୍ତ । ଦଳ ପକ୍ଷରୁ ରାଜ୍ୟରେ ୨ ଲକ୍ଷ ସରକାରୀ ଚାକିରି ପ୍ରଦାନ କରାଯିବାକୁ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରାଯାଇଥିବା ବେଳେ ଅଷ୍ଟମ ବେତନ କମିଶନ୍ ଲାଗୁ ନେଇ ପ୍ରତିଶ୍ରୁତି ଦିଆଯାଇଛି । କେ.ଜି.ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଗରୀବ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନର ପ୍ରତିଶ୍ରୁତି ମଧ୍ୟ ଇସ୍ତାହାରରେ ଦିଆଯାଇଛି ।

## ବିହାର-ଷ୍ଟାମ୍ପେଡ୍

ବିହାର ନାଳନ୍ଦା ଜିଲ୍ଲାର ମାଘ୍ରା ଶୀତଳାଷ୍ଟମୀ ମନ୍ଦିରରେ ଦଳାଚକଟା ଘଟି ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମାନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଘୋଷଣା

କରିଛନ୍ତି । ଆହତମାନଙ୍କ ଚିକିତ୍ସା ପାଇଁ ମଧ୍ୟ ୫୦ ହଜାର ଟଙ୍କାର ସହାୟତା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଯୋଗ୍ୟ ଆଜି ସକାଳେ ନାଳନ୍ଦା ଜିଲ୍ଲାର ବିହାର ସରିଫ୍‌ରେ ଥିବା ମାଘ୍ରା ଶୀତଳାଷ୍ଟମୀ ମନ୍ଦିରରେ ଦଳାଚକଟା ଘଟି ୮ ଜଣ ମହିଳା ଶ୍ରଦ୍ଧାଳୁ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଥିଲେ ।

## ନେପାଳ ଜେନ୍-ଜି

ନେପାଳରେ ଜେନ୍-ଜି ଆନ୍ଦୋଳନରେ ପ୍ରାଣ ହରାଇଥିବା ଆତ୍ମୀୟ ସ୍ୱଜନଙ୍କ ପାଇଁ ସେଠାକାର ସରକାର ନିଯୁକ୍ତି ସୁଯୋଗ ବ୍ୟବସ୍ଥା କରିଛନ୍ତି । ନେପାଳ ବିଦ୍ୟୁତ୍ କର୍ତ୍ତୃପକ୍ଷ ଏହି ପରିପ୍ରେକ୍ଷୀରେ ୨୭ ଜଣଙ୍କ ନିଯୁକ୍ତି ଆଦେଶ ଘୋଷଣା କରିଛନ୍ତି । ମୃତକଙ୍କ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ପୂର୍ବରୁ ୧୦ ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇସାରିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ପଞ୍ଜାବ କିଙ୍ଗସ୍ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ନ୍ୟୁ

ଚଣ୍ଡିଗଡ଼ର ମହାରାଜା ଯଜୁବେନ୍ଦ୍ର ସିଂହ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।